# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 April - 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟବାସୀଙ୍କୁ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

– ବାଲିଅନ୍ତାଠାରେ ୬୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୩ଟି ଗ୍ରୀଡ୍ ସବଷ୍ଟେସନ୍ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନର କଲେ ଲୋକାର୍ପଣ

- ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଦୁଇଦିନିଆ ଡାଟା ସାଇନ୍ସ ଏବଂ ସ୍ମାର୍ଟ ସିଷ୍ଟମ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀ

- ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଗଣତି ମଣତି ଜାରି

ଏବଂ

- ଦେଶବ୍ୟାପୀ ଆଜିଠାରୁ ଆରମ୍ଭ ହେଉଛି ପୋଷଣପକ୍ଷର ଅଷ୍ଟମ ସଂସ୍କରଣ

# ମୁଖ୍ୟମନ୍ତ୍ରୀ- ବିଜୁଳି ସେବା

ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ବିଜୁଳି ସେବା ଯୋଗାଇ ଦେବାକୁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୋହନ ଚରଣ ମାଝୀ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତାଠାରେ ଆଜି ତିନୋଟି ଗ୍ରୀଡ୍ ସବଷ୍ଟେସନ୍ ଏବଂ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ଲାଇନ୍‌ର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ଭୁବନେଶ୍ୱରରେ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ କରାଯାଇଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପରେ ରାଜଧାନୀ ତଥା ଆଖପାଖ ଅଞ୍ଚଳର ୨୨ ଲକ୍ଷ ବିଦ୍ୟୁତ ଉପଭୋକ୍ତା ଗୁଣାତ୍ମକ ବିଦ୍ୟୁତ ସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦେଶର ପ୍ରତିଟି ଘରକୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଉପଲବ୍ଧ କରାଇବା ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇ ଆସୁଅଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱରରେ ସବୁଠାରୁ ବଡ଼ ଗ୍ରୀଡ୍ ସବଷ୍ଟେସନ୍ ସ୍ଥାପନ କରାଯିବ। ଗୋଟିଏ ବର୍ଷରେ ରାଜଧାନୀ ପାଇଁ ୪ଟି ଗ୍ରୀଡ୍ ସବଷ୍ଟେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

**- V/O -**

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିଦ୍ୟୁତଶକ୍ତି ବ୍ୟବସ୍ଥା ସମ୍ପ୍ରସାରଣ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

HS

## ସ୍ମାର୍ଟ ସିଷ୍ଟମ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱରରେ ଆସନ୍ତାକାଲି ଓ ଶନିବାର ଦିନ ଡାଟା ସାଇନ୍ସ ଏବଂ ସ୍ମାର୍ଟ ସିଷ୍ଟମ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଗଣେଶ ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ସାଉଦି ଆରବ, ପୋଲାଣ୍ଡ ଏବଂ ପର୍ତ୍ତୁଗାଲ ଭଳି ଦେଶର ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ଅଂଶଗ୍ରହଣ କରିବେ। ଏଥିସହ ଦେଶର ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକର ବିଶେଷଜ୍ଞ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ସନ୍ଦର୍ଭ ଉପସ୍ଥାପନ କରିବେ। ଏହି କାର୍ଯ୍ୟକ୍ରମ ଶୈକ୍ଷିକ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଆନ୍ତର୍ଜାତିକ ମଞ୍ଚଭାବେ କାର୍ଯ୍ୟ କରିବ। ଗଣେଶ ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ପକ୍ଷରୁ ଗତକାଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ସମ୍ମିଳନୀ ପାଇଁ ୭୮ଟି ପ୍ରସଙ୍ଗ ଭିତ୍ତିକ ଗବେଷଣାତ୍ମକ ସନ୍ଦର୍ଭ ହସ୍ତଗତ ହୋଇଥିଲେ ମଧ୍ୟ ୫୦ଟିର ଉପସ୍ଥାପନ ପାଇଁ ଅନୁମୋଦନ କରାଯାଇଛି ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି।

HS

## ଆସନ୍ତାକାଲି କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗର ନୂଆ ନୀତି ସମ୍ପର୍କରେ ଆଲୋଚନା ହେବା ନେଇ ଜଣାପଡ଼ିଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ ନୀତି ୨୦୨୬ ଉପସ୍ଥାପନ କରାଯିବାର ସମ୍ଭାବନା ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଆଇନ ବିଭାଗ ଭଳି କେତେକ ବିଭାଗର ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା ହୋଇପାରେ।

Desk

## ମାଟ୍ରିକ ରେଜଲ୍ଟ

ମାଧ୍ୟମିକ ଶିକ୍ଷା ପରିଷଦ- ବିଏସ୍‌ଇ’ ଦ୍ୱାରା ପରିଚାଳିତ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ– ଓଏସ୍‌ଏସ୍‌ଟିଇଟି-୨୦୨୫ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ପ୍ରଥମ  ଓ ଦ୍ୱିତୀୟ ପେପର ପରୀକ୍ଷାରେ ୫୬ ହଜାର ୪୫୬ ପରୀକ୍ଷାର୍ଥୀ  ପରୀକ୍ଷା ଦେଇଥିବାବେଳେ ୭୨ ଦଶମିକ ୩/୮ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଅପରାହ୍ନ ୪ଟାରେ bseodisha.ac.in ରେ ପରୀକ୍ଷାଫଳ ଉପଲବ୍ଧ ହେବ। ଅପରାହ୍ନ ୫ଟା ପରଠାରୁ ୱେବସାଇଟରୁ ସାର୍ଟିଫିକେଟ୍ ଡାଉନଲୋଡ କରିହେବ। ଉତ୍ତୀର୍ଣ୍ଣ ହୋଇନଥିବା ଛାତ୍ରଛାତ୍ରୀ ଓଏମ୍‌ଆର୍.ସିଟ୍ ଡାଉନଲୋଡ୍ କରିପାରିବେ ବୋଲି ବିଏସ୍‌ଇ ପକ୍ଷରୁ

କୁହାଯାଇଛି। ଗତ ଜାନୁଆରୀ ମାସ ୨୧ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

Koraput

## ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ସ୍ଥିତି ନେଇ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ସଚିବ ତଥା ଜିଲ୍ଲା ପ୍ରଭାରୀ ସତ୍ୟଜିତ ମିଶ୍ର ସମୀକ୍ଷା କରିଛନ୍ତି। କୋରାପୁଟ ଗସ୍ତରେ ଯାଇ ଶ୍ରୀ ମିଶ୍ର ଗାନ୍ଧୀନଗରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହ ରୋଗୀ ଓ ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି। ଏହାପରେ ପୂଜାରୀପୁଟସ୍ଥିତି ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ଯାଇ ଛାତ୍ରୀ ଏବଂ ଶିକ୍ଷକଙ୍କ ସହ ମତବିନିମୟ କରିଛନ୍ତି। ଗସ୍ତ ଅବସରରେ ଶ୍ରୀ ମିଶ୍ର ସେମିଳିଗୁଡ଼ା ବ୍ଲକର ରାଜପୁଟ ମିଲେଟ୍ ପ୍ରକ୍ରିୟାକରଣ ୟୁନିଟ୍, ଦଳେଇଗୁଡ଼ାରେ କଫି ନର୍ସରୀ, ପଟାଙ୍ଗି ବ୍ଲକର କରଞ୍ଜଗୁଡ଼ାସ୍ଥିତ ଷ୍ଟ୍ରବେରୀ ଚାଷ, ଦେଓମାଳୀ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରିଛନ୍ତି।

Desk

## ପୋଷଣପକ୍ଷ ଆରମ୍ଭ

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଦେଶବ୍ୟାପୀ ପୋଷଣପକ୍ଷର ଅଷ୍ଟମ ସଂସ୍କରଣ ଆରମ୍ଭ କରାଯିବ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ

ବିଭାଗୀୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ମହିଳା ଓ ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଉପସ୍ଥିତ ରହି ପୋଷଣ ପଖୱାଡା ୨୦୨୬ର ଶୁଭାରମ୍ଭ କରିବେ । ଏହି ଅଭିଯାନ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

ପୋଷଣର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସୁସ୍ଥ ଶିଶୁ ହେଉଛି ସୁଦୃଢ଼ ରାଷ୍ଟ୍ରର ମୂଳଦୁଆ । ପ୍ରତ୍ୟେକ ମାଆ ଓ ଶିଶୁ ପାଇଁ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟ ପ୍ରଦାନ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ । 'ଜନ୍ମରୁ ପ୍ରଥମ ୬ ବର୍ଷ ମଧ୍ୟରେ ସର୍ବାଧିକ ମସ୍ତିଷ୍କ ବିକାଶକୁ ଗୁରୁତ୍ୱ ଦେବା' ଚଳିତବର୍ଷ ପୋଷଣ ପଖୱାଡାର ବିଷୟବସ୍ତୁ ରହିଛି । ପ୍ରାରମ୍ଭିକ ଶୈଶବ ବିଶେଷକରି ପ୍ରଥମ ଏକହଜାର ଦିନ ମଧ୍ୟରେ ମସ୍ତିଷ୍କର ବିକାଶ, ଶାରିରୀକ ବୃଦ୍ଧି ଏବଂ ସାମଗ୍ରିକ ସୁସ୍ଥତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୈଜ୍ଞାନିକ ପ୍ରମାଣ ସୂଚିତ କରିଥାଏ, ୮୫ ପ୍ରତିଶତରୁ ଅଧିକ ମସ୍ତିଷ୍କର ବିକାଶ ଜନ୍ମରୁ ୬ ବର୍ଷ ମଧ୍ୟରେ ହୋଇଥାଏ । ପୋଷଣ ଅଭିଯାନରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ । କେନ୍ଦ୍ର ସରକାରଙ୍କ ପ୍ରମୁଖ ମିଶନ ପୋଷଣ ଅଭିଯାନ ଦେଶବ୍ୟାପୀ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । କୁ-ପୋଷଣମୁକ୍ତ ଭାରତ ଗଠନ ଦିଗରେ ସାମୁହିକ ଅଂଶଗ୍ରହଣ ଓ ଜନଭାଗିଦାରୀକୁ ଏହା ପ୍ରୋତ୍ସାହିତ କରୁଛି ।

Puri

## ରତ୍ନଭଣ୍ଡାର ଗଣତି

ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଗଣତି ମଣତି ଆଜି ମଧ୍ଯ ଜାରି ରହିଛି। ସକାଳ ଧୂପନୀତି ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ସେବାୟତ ପ୍ରତିନିଧି ଗଣତି ମଣତିରେ ସାମିଲ ହୋଇଛନ୍ତି। ଗତକାଲିଠାରୁ ଗଣତି ମଣତି ପ୍ରକ୍ରିୟା ପୁନଃ ଆରମ୍ଭ ହୋଇଛି। ପ୍ରାୟ ୬ ଘଣ୍ଟା ଧରି ଗତକାଲି ଗଣତି କାର୍ଯ୍ୟ ହୋଇଥିବାବେଳେ ଆଜି ଶୃଙ୍ଖଳାର ସହ ଚାଲିଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ଗତକାଲି ଅପରାହ୍ନରେ ଶ୍ରୀମନ୍ଦିରରେ ପହଁଞ୍ଚି ଗଣତି ମଣତି କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ପ୍ରତ୍ୟେକ ଅଳଙ୍କାରକୁ ଚିହ୍ନଟ କରାଯାଇ ଥ୍ରୀ-ଡି ମ୍ୟାପିଂ କରାଯାଉଛି। ଅଳଙ୍କାରଗୁଡ଼ିକର ଭିଡିଓ ଏବଂ ଫଟୋଗ୍ରାଫି କରାଯାଉଛି। ମାର୍ଗଦର୍ଶିକା ଅନୁଯାୟୀ ସ୍ୱଚ୍ଛତାର ସହ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ କହିଛନ୍ତି।

**- V/O –**

Nayagarh

## ଲଙ୍କାପୋଡ଼ି ଯାତ୍ରା

ନୟାଗଡ଼ ଜିଲ୍ଲା ଦଶପଲ୍ଲା କୁଞ୍ଜ ବନଗଡ଼ ଲୋକକଳା ଗ୍ରାମରେ ଆୟୋଜିତ ଲଙ୍କାପୋଡ଼ି ଯାତ୍ରା ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଦଶପଲ୍ଲା ସହର ଅଯୋଧ୍ୟାନଗରୀ ପାଲଟିଥିବା  ଉଦ୍‌ଯାପନୀ ଦିବସରେ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା। ଏଥିସହ ଶ୍ରୀରାମଚନ୍ଦ୍ର ଚାରି ଭ୍ରାତାଙ୍କ ସହ ନଗର ପରିକ୍ରମା କରିଥିଲେ। ଏହିସବୁ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

Bargarh/Kalahandi/Nabarangpur/Kendrapara/Subarnpur

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ୨୦୨୬ ପାଳନର ଆଜି ନବମ ଦିନରେ 'ଆସ ବହିଟିଏ କିଣିବା' ଅଭିଯାନ ପାଳନ କରାଯାଉଛି। ନିଜେ ବହିଟିଏ କିଣିବା ସହ ଅନ୍ୟମାନଙ୍କୁ କିଣିବା ପାଇଁ ସଚେତନ କରିବା ସହିତ ଏହି ଅଭିଯାନକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ଲେଖକ ଏବଂ ପାଠକର ସମ୍ପର୍କକୁ ନିବିଡ଼ କରିବା ସହ ବହି ପଢ଼ିବା ନେଇ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ 'ଆସ ବହିଟିଏ କିଣିବା' ଅଭିଯାନ ପାଳନ କରାଯାଉଛି।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ମଧ୍ୟ ଏ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି।

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଜଗଦଲ୍ଲା ଯୋଗଦେଇ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ରଘୁରାମ ଆର୍.ଆୟାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପାଠାଗାର ପାଇଁ ଓଡ଼ିଆ ପୁସ୍ତକ କ୍ରୟ କରାଯାଇଛି ।

ନବରଙ୍ଗପୁର ମହିଳା ମହାବିଦ୍ୟାଳୟଠାରେ ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ବହିର ପଠନ ଏବଂ ଓଡ଼ିଆରେ ଲିଖନକୁ ଭବିଷ୍ୟତ ପିଢ଼ିକୁ ଭାଷା ସହ ଅଧିକ ସଂଶ୍ଳିଷ୍ଟ କରିପାରିବ ବୋଲି ମତ ପ୍ରକାଶ ପାଇଛି । ଏହି ଅବସରରେ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷାର ବିଭିନ୍ନ ପୁସ୍ତକ ବଣ୍ଟନ କରାଯାଇଛି ।

କଳାହାଣ୍ଡି ଜିଲ୍ଲା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ନବନିଯୁକ୍ତ କୁଳପତି ପବନ କୁମାର ଅଗ୍ରଓ୍ୱାଲ ଯୋଗ ଦେଇଥିଲେ ।

ବରଗଡ଼ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣ ତଥା ଜିଲ୍ଲା ପାଠାଗାରର ସମସ୍ତ ପାଠକପାଠିକା ଯୋଗଦେଇ ଓଡ଼ିଆ ବହି ପଢ଼ିବା ଏବଂ କିଣିବା ନେଇ ସଚେତନତା ବୃଦ୍ଧି ପାଇଁ ଶପଥ ଗ୍ରହଣ କରିଛନ୍ତି ।

# ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡ଼ି ସହ କୁଆପଥର ବର୍ଷା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।